



# ମହିଳା ସଶକ୍ତୀକରଣ ପାଇଁ କେତେ ଲୋଡ଼ା ସଂରକ୍ଷଣ

**ଜନତା ସବୁ ଜାଣନ୍ତି**

ଭୁବନେଶ୍ୱର, ୨୮।୪(ସମିସ): ଆଜିର ନାରୀ ଆଉ ହାଣ୍ଡିଶାଳରେ ସୀମିତ ହୋଇ ରହିନାହାନ୍ତି। ମହିଳା ସମିତି ଗୋଷ୍ଠୀରୁ ନେଇ ପାର୍ଲ୍ୟାମେଣ୍ଟ ପର୍ଯ୍ୟନ୍ତ ସବୁଠି ମହିଳା ନିଜର କାୟା ବିସ୍ତାର କରିଛନ୍ତି। ହେଲେ ଏବେ ବି କିଛି ସ୍ଥାନରେ ମହିଳା ସଶକ୍ତ ହୋଇନାହାନ୍ତି। କିଏ ଘରେ ସଶକ୍ତ ହୋଇପାରିନାହାନ୍ତି ତ ଆଉ କିଏ କର୍ମ କ୍ଷେତ୍ରରେ। ତଥାପି ମହିଳାଙ୍କ ସଶକ୍ତୀକରଣ ଓ ସଂରକ୍ଷଣକୁ ନେଇ ସମସ୍ତେ ଚିନ୍ତିତ। ପାନ ଦୋକାନରୁ ନେଇ ପାର୍ଲ୍ୟାମେଣ୍ଟ ପର୍ଯ୍ୟନ୍ତ ଏବେ ମହିଳା ସଶକ୍ତୀକରଣ ଓ ସଂରକ୍ଷଣର ଚର୍ଚ୍ଚା ଜୋର ଧରିଛି।



ଆଜିର ଯୁଗରେ ମହିଳାମାନେ ପ୍ରତିଟି କ୍ଷେତ୍ରରେ ନିଜକୁ ସଶକ୍ତ କରିପାରିଛନ୍ତି, କିନ୍ତୁ ସମାଜର ମୁଖ୍ୟଧାରାରେ ସମାନ ଅଧିକାର ପାଇବା ପାଇଁ ମହିଳା ସଂରକ୍ଷଣର ଆବଶ୍ୟକତା ଏବେ ବି ରହିଛି। ସଂରକ୍ଷଣ କେବଳ ଏକ ସୁଯୋଗ ନୁହେଁ; ବରଂ ଏହା ସାମାଜିକ ସମାନତା ଆଣିବାର ଏକ ଶକ୍ତିଶାଳୀ ମାଧ୍ୟମ। ମହିଳାମାନେ ସଶକ୍ତ ହେଲେ ହିଁ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ସମ୍ଭବ ହୋଇପାରିବ।

-ଦେବୀରାଣୀ ପଣ୍ଡା, ସ୍ନାତୋକତ୍ତର ଛାତ୍ରୀ



ମହିଳା ସଂରକ୍ଷଣ ଓ ସଶକ୍ତୀକରଣ ସମାଜର ସମତା ପାଇଁ ଅତ୍ୟନ୍ତ ଆବଶ୍ୟକ। ଆଜିର ଦିନରେ ମହିଳାମାନେ ଶିକ୍ଷା, କ୍ରୀଡ଼ା, ଚାକିରି ଓ ରାଜନୀତିରେ ଭଲ ପ୍ରଗତି କରୁଛନ୍ତି। ତଥାପି ଅନେକ ସ୍ଥାନରେ ସେମାନେ ଅସମାନତା ଓ ବାଧାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ସଂରକ୍ଷଣ ତାଙ୍କୁ ସମାନ ସୁଯୋଗ ଦେଇ ଆଗକୁ ବଢିବାରେ ସହାଯ୍ୟ କରିବ। ଶିକ୍ଷା ଓ ଚାକିରିରେ ସଂରକ୍ଷଣ ମହିଳାଙ୍କ ଆତ୍ମବିଶ୍ୱାସ ବଢାଏ। ଉଦାହରଣ ସ୍ୱରୂପ, ପଞ୍ଚାୟତରେ ସଂରକ୍ଷଣ ଦ୍ୱାରା ଅନେକ ମହିଳା ନେତୃତ୍ୱ ଦେଉଛନ୍ତି। ଏହା ଦ୍ୱାରା ସମାଜରେ ସମତା ଓ ନ୍ୟାୟ ବୃଦ୍ଧି ପାଉଛି। ମହିଳାମାନେ ସଶକ୍ତ ହେଲେ ପରିବାର ଓ ଦେଶ ଉଭୟ ଉନ୍ନତି କରେ। ମୋ ମତରେ, ସଂରକ୍ଷଣ ମହିଳାଙ୍କୁ ସମ୍ମାନ ଓ ସମାନ ଅଧିକାର ଦେବାରେ ଅତ୍ୟନ୍ତ ଜରୁରୀ।

-ପବିତ୍ର ରାଉତ ଅଧିବକ୍ତା (ଅପରାଧିକ ଓ କର ଆଇନ)



ଜଣେ ଛାତ୍ରୀଙ୍କ ଦୃଷ୍ଟିକୋଣରୁ ଏବେର ନାରୀ ସଶକ୍ତ, ସ୍ୱାଭିମାନୀ ଓ ସ୍ୱାଧୀନ। ସେ ଶିକ୍ଷା, କ୍ରୀଡା, ବିଜ୍ଞାନ ଓ ପ୍ରତ୍ୟେକ କ୍ଷେତ୍ରରେ ନିଜ ପ୍ରତିଭା ପ୍ରମାଣ କରୁଛନ୍ତି। ମହିଳା ସଂରକ୍ଷଣ ନାରୀମାନଙ୍କୁ ଆଉ ଆଗକୁ ବଢିବାର ସୁଯୋଗ ଓ ଆତ୍ମବିଶ୍ୱାସ ଦେଇଥାଏ। ଜଣେ ଛାତ୍ରୀ ଭାବେ ମୁଁ ମନେ କରେ, ସଶକ୍ତ ନାରୀ ହେଉଛନ୍ତି ଉଜ୍ଜ୍ୱଳ ଭବିଷ୍ୟତର ପ୍ରେରଣା। ନାରୀଙ୍କ ଶକ୍ତି, ସ୍ୱପ୍ନ ଓ ସଫଳତା ହେଉଛି ଏକ ସୁନ୍ଦର ସମାଜର ଭିତ୍ତି।

-ଶୁଭସ୍ମିତା ସ୍ୱାଇଁ, ପୂର୍ବତନ ଛାତ୍ରୀ, ଓୟୁଏଟି



ମହିଳାମାନେ ନିଶ୍ଚିତଭାବେ ଶିକ୍ଷା, ଚାକିରି, ନେତୃତ୍ୱ ଓ ସିଦ୍ଧାନ୍ତ ନେବା ଭଳି ଅନେକ କ୍ଷେତ୍ରରେ ଆଗକୁ ବଢ଼ିଛନ୍ତି। କିନ୍ତୁ ପୂର୍ଣ୍ଣ ସଶକ୍ତୀକରଣ ଏପର୍ଯ୍ୟନ୍ତ ସାଧ ହୋଇନାହିଁ, ବିଶେଷକରି ଗ୍ରାମାଞ୍ଚଳ ଓ ନେତୃତ୍ୱମୂଳକ ଭୂମିକାରେ। ସେହିପରି, ସଶକ୍ତୀକରଣ ଆଂଶିକ ଭାବେ ସଫଳ ହୋଇଛି, ସମ୍ପୂର୍ଣ୍ଣ ଭାବେ ନୁହେଁ। ସଂରକ୍ଷଣ ବିଷୟରେ କହିଲେ, ଏହା ସେହି ପୁରୁଣା ଧାରଣାକୁ ଚ୍ୟାଲେଞ୍ଜ କରେ ଯେ ନେତୃତ୍ୱ କେବଳ ପୁରୁଷମାନଙ୍କ ପାଇଁ, ଏବଂ ସମାଜର ଚିନ୍ତାଧାରାକୁ ପରିବର୍ତ୍ତନ କରିବାରେ ସହାୟକ ହୁଏ। କିନ୍ତୁ ଆଜିର ଦିନରେ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ, କାରଣ ବର୍ତ୍ତମାନ ପ୍ରାୟ ସମସ୍ତ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅଧିକ ସୁବିଧା ଓ ସୁଯୋଗ ଉପଲବ୍ଧ ଅଛି।

-ଶ୍ୟାମଳୀ ମହାନ୍ତି, ଗୃହିଣୀ



ଆଜିର ନାରୀ ଆଉ ଦୁର୍ବଳ ନୁହେଁ, ସେ ଶିକ୍ଷିତ, ସଚେତନ ଓ ସଶକ୍ତ। ସେ ଘରୁ ଆରମ୍ଭ କରି କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ନିଜ କ୍ଷମତାର ପରିଚୟ ଦେଇଛନ୍ତି। ମହିଳା ସଂରକ୍ଷଣ ନାରୀଙ୍କୁ ଆଗକୁ ବଢିବା ପାଇଁ ଅଧିକ ସୁଯୋଗ ଓ ସମ୍ମାନ ଦେଇଥାଏ। ସଶକ୍ତ ନାରୀ ହେଉଛନ୍ତି ପରିବାର, ସମାଜ ଓ ଜାତିର ଶକ୍ତି। ନାରୀଙ୍କ ଉନ୍ନତି ହେଉଛି ଦେଶର ଉନ୍ନତିର ସବୁଠାରୁ ସୁନ୍ଦର ପରିଚୟ। ଯେପର୍ଯ୍ୟନ୍ତ ସମାଜରେ ଲିଙ୍ଗ ଅସମାନତା ରହିଛି, ସେପର୍ଯ୍ୟନ୍ତ ମହିଳା ସଂରକ୍ଷଣର ଆବଶ୍ୟକତା ରହିବ। ତେଣୁ ମହିଳା ସଶକ୍ତୀକରଣ ଓ ସଂରକ୍ଷଣ ଉଭୟେ ଏକ ସମାନ, ସୁସ୍ଥ ଓ ଉନ୍ନତ ସମାଜ ଗଠନର ଆଧାର।

-ମାନସ କୁମାର ଲେଙ୍କା, ସ୍ୱାସ୍ଥ୍ୟମିତ୍ର, ସମ୍ପାଦକ



ସମସ୍ତ ସ୍ତରରେ ସମାନ ସୁଯୋଗ ଏବଂ ସ୍ୱୀକୃତି ଏପର୍ଯ୍ୟନ୍ତ ପୂର୍ଣ୍ଣ ଭାବେ ମିଳିନାହିଁ, ତେଣୁ ସଶକ୍ତୀକରଣର ଯାତ୍ରା ଚାଲୁ ଅଛି। ମହିଳା ସଂରକ୍ଷଣ ମହିଳାଙ୍କୁ କେବଳ ସୁଯୋଗ ନୁହେଁ, ସମାଜରେ ନିଜ କ୍ଷମତା ପ୍ରମାଣ କରିବାର ଏକ ମଞ୍ଚ ମଧ୍ୟ ଦେଇଥାଏ। ଏହା ନାରୀଙ୍କ ଅଂଶଗ୍ରହଣ ବଢ଼ାଇ ସମାଜକୁ ଅଧିକ ସମତାମୂଳକ ଓ ପ୍ରଗତିଶୀଳ କରେ। ଆଜି ମହିଳାମାନେ ଅନେକ କ୍ଷେତ୍ରରେ ସଫଳ ହେଉଥିଲେ ମଧ୍ୟ, ସଂରକ୍ଷଣ ସେମାନଙ୍କୁ ଆଉ ଦୃଢ଼ ଭାବେ ଆଗକୁ ବଢ଼ିବାର ସହାୟକ ହୁଏ।

-ଲୋଚନ ବାହାଦୂର ନାୟକ, ଫିଟ୍‌ନେସ୍ ଟ୍ରେନର

## ବିଧାନସଭା ନାଁ 'ମଧୁ ଭବନ' ରଖିବାକୁ ଦାବି



ଭୁବନେଶ୍ୱର,୨୮।୪(ସମିସ): ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର, ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ମଧୁସୂଦନଙ୍କ ଜୟନ୍ତୀ ପାଳିତ ହୋଇଛି। ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମିଳନୀର ଉପଦେଷ୍ଟା ଶତାୟୁ ପୁରୁଷ ପଦ୍ମଚରଣ ନାୟକ ଅତିଥି ଭାବରେ ଯୋଗଦେଇ ବିଧାନସଭାର ନାମ 'ମଧୁ ଭବନ' ଓ ଉତ୍କଳ ମଣ୍ଡପର ନାମ 'ଉତ୍କଳ ଗୌରବ ମଣ୍ଡପ' ରଖାଯାଉ ବୋଲି ଦାବି କରିଥିଲେ। ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମଧୁ ଜୟନ୍ତୀ ସଭାରେ ସମ୍ମିଳନୀର ରାଜ୍ୟସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱକରି ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟା ବାସନ୍ତୀ ତ୍ରିପାଠୀ, ମଞ୍ଚେଶ୍ୱର ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ମଧୁସୂଦନଙ୍କ ଜୟନ୍ତୀରେ 'ମୁଁ ମଧୁବାବୁ'



ଭୁବନେଶ୍ୱର, ୨୮।୪(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶାଏଁ ଓ ଜେଜେ ଟ୍ରଷ୍ଟର ମିଳିତ ଅନୁକୁଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବୃଦ୍ଧମନ୍ଦିରର ପରିସରରେ ଆୟୋଜିତ ହୋଇଯାଇଛି "ମୁଁ ମଧୁବାବୁ' କାର୍ଯ୍ୟକ୍ରମ। ପ୍ରଥମରେ ପିଲାମାନଙ୍କ ପାଇଁ ମଧୁବାବୁଙ୍କ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ମଧୁବାବୁଙ୍କ ଜୀବନାଦର୍ଶ ଉପରେ ପିଲାମାନଙ୍କ ପାଇଁ ଯୁବ କଥାକାର ବିକ୍ରମ ନାୟକଙ୍କ "ମଧୁକଥା'ଓ ମଧୁବାବୁଙ୍କ ରଚିତ ସଂଗୀତ ଗାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ଜିଲ୍ଲାର ୧୩ ଜଣ ଯୁବ କବି "ଆଜିର ଆହ୍ୱାନ' ସମ୍ପର୍କିତ କବିତା ପାଠ କରିଥିଲେଫ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ସାହିତ୍ୟକ ଓ ଲେଖକ ଶୁଭ୍ରାଂଶୁ ପଣ୍ଡା, ଯୁବ ଉଦ୍ୟୋଗୀ ସ୍ୱୟଂ ପ୍ରକାଶ ଜେନା, ଯୁବ ପରିବେଶବିତ ସାଧ୍ୱୀ ସୁନ୍ଦରା ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ସ୍ନେହାଶିଷ ଦାସଙ୍କୁ ଉତ୍ତରଦାୟାଦ ସଂକଳ୍ପ ସମ୍ମାନ ପ୍ରଦାନ କରାଯାଇଥିଲାଫ ବିଭୁତି କାନୁନଗୋ ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା "ଉତ୍କଳ ଗୌରବ' ସମ୍ପର୍କିତ ଚିତ୍ର ପ୍ରଦର୍ଶନୀ ହୋଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଆଶାଏଁ ଅନୁଷ୍ଠାନର ଅଧ୍ୟକ୍ଷ ରତ୍ନାକର ସାହୁ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂହ, ଭାଷାବିତ ପ୍ରଦ୍ୟୁମ୍ନ ଶତପଥି, ବରିଷ୍ଠ ସାମ୍ବାଦିକ ମନୋଜ ମହାପାତ୍ର, ଲେଖକ ଡଃ ରଜନୀ ରଞ୍ଜନ ଦାସ, ଭାଗବତ ଶୁକ୍ଳା, ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ପୂର୍ବତନ ସଭାପତି ସଂଗ୍ରାମ ପାଇକରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ମନସ୍ୱିନୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସପନ ଜେନା, ରମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୮।୪(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ର ସଂସଦର ୬୩ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନସିଇଆରଟି, ନୂଆଦିଲ୍ଲୀର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇ ପ୍ରଗତିଶୀଳ ଏବଂ ସମାବେଶୀ ବ୍ୟବସ୍ଥା ନିର୍ମାଣରେ ଶିକ୍ଷକ ଶିକ୍ଷାର ବିକାଶଶୀଳ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ନବୋନ୍ମେଷ, ଆନ୍ତଃବିଷୟକ ଶିକ୍ଷା, ଗବେଷଣା ଆଧାରିତ ଶିକ୍ଷା, ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଏବଂ ମତାମତ, ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରା ଏବଂ ବୈଜ୍ଞାନିକ ସ୍ୱଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଛାତ୍ର ପରିଷଦର ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର ବେହେରା ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ ଏବଂ ଅତିଥିଙ୍କ ଦ୍ୱାରା ପ୍ରତିଷ୍ଠାନର ବାର୍ଷିକ ପତ୍ରିକା 'ପ୍ରତିବିମ୍ବ' ଉନ୍ମୋଚନ କରାଯାଇଥିଲା। ଶିକ୍ଷା, କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକଳାପ ଏବଂ ଶୈକ୍ଷିକ ଗବେଷଣା କ୍ଷେତ୍ରରେ ସଫଳତା ପାଇଁ ଉଲ୍ଲେଖନୀୟ ଶିକ୍ଷାର୍ଥୀ ଓ ଗବେଷକ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ରସଂସଦଦ୍ୱାରା ବିଏସିବିଏଡ୍, ବିଏଡ୍ ଓ ଏମ୍‌ଏଡ୍‌ର ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ରସଂସଦର ସଭାପତି ଡ଼ ହାଡ଼ିବନ୍ଧୁ ପଟ୍ଟନାୟକ, ସଂପାଦକ ରମେଶ ଚନ୍ଦ୍ର ପାତାଳସିଂହ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତଥିଲେ। ଛାତ୍ର ପରିଷଦର ଯୁଗ୍ମ ଉପଦେଷ୍ଟା ପ୍ରଫେସର ରଶ୍ମୀରେଖା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ସଂଗ୍ରହାଳୟରେ ମଧୁ ଜୟନ୍ତୀ



ଭୁବନେଶ୍ୱର,୨୮।୪(ସମିସ): ରାଜ୍ୟ ସଂଗ୍ରହାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସଂସ୍କୃତି ବିଭାଗର ପୂର୍ବତନ ସଚିବ ତଥା ଆୟକର ବିଭାଗ ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସଂଗ୍ରହାଳୟର ପୂର୍ବତନ ଅଧୀକ୍ଷକ ଡ. ଜୟନ୍ତୀ ରଥ, ଲେଖିକା ଡ. ଶକୁନ୍ତଳା ବଳିଆର ସିଂହ ପ୍ରମୁଖ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ପରିଚାଳନା କରିଥିଲେ।

## ଆଧୁନିକ ପ୍ରଜନନ ସମ୍ବନ୍ଧୀୟ ସେବା ପାଇଁ କ୍ୟାପିଟାଲ ହସ୍ପିଟାଲ ପଞ୍ଜୀକୃତ

ଭୁବନେଶ୍ୱର,୨୮।୪(ସମିସ): ପିଜିଆଇଏମ୍‌ଇଆର୍ ଏବଂ କ୍ୟାପିଟାଲ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଜ୍ଞାନ ବିଭାଗକୁ ଏଆର୍‌ଟି (ଆସିଷ୍ଟେଡ ରିପ୍ରଡକ୍ଟିଭ ଟେକ୍ନୋଲୋଜି)ବା ସହାୟକ ପ୍ରଜନନ ପ୍ରଯୁକ୍ତି, କ୍ଲିନକ୍ (ଲେବଲ୍-୧) ଭାବେ ପଞ୍ଜୀକରଣ ସାର୍ଟିଫିକେଟ୍ ମିଳିଛି। ସହାୟକ ପ୍ରଜନନ ପ୍ରଯୁକ୍ତି (ଏଆର୍‌ଟି) ହେଉଛି ଏକ ଆଧୁନିକ ଚିକିତ୍ସା ପ୍ରଣାଳୀ। ଯାହାଦ୍ୱାରା ସନ୍ତାନ ଲାଭରେ ସମସ୍ୟା ଥିବା ଦମ୍ପତିମାନଙ୍କୁ ସହାୟତା କରାଯାଏ। ଏହି ପଞ୍ଜୀକରଣଆସିଷ୍ଟେଡ ରିପ୍ରଡକ୍ଟିଭ ଟେକ୍ନୋଲୋଜି ରେଗୁଲେସନ୍ ଆକ୍ଟ-୨୦୨୧ ଅନୁସାରେ ପ୍ରଦାନ କରାଯାଇଥିବା ବେଳେ ଏହାର ବୈଧତା ଆଗାମୀ ପାଞ୍ଚବର୍ଷ ପର୍ଯ୍ୟନ୍ତ ଅର୍ଥାତ ୨୭ ଏପ୍ରିଲ ୨୦୩୧ ପର୍ଯ୍ୟନ୍ତ ରହିବ। ଏହି କ୍ଲିନିକ ମାଧ୍ୟମରେ ସରକାରୀ ସ୍ତରରେ ଆଧୁନିକ ପ୍ରଜନନ ସମ୍ବନ୍ଧୀୟ ସେବା ସୁଲଭ ହେବା ସହ ନିସନ୍ତାନ ଦମ୍ପତିମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ମିଳିବ। ଏହା ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେହା ସହ ରାଜ୍ୟରେ ଏଆରଟି ସେବା ପ୍ରଦାନରେ ଗୁଣୋତ୍ତର ବୃଦ୍ଧି ସହ ନିୟମିତତା ଏବଂ ପାରଦର୍ଶିତା ସୁନିଶ୍ଚିତ ହେବ।

### ବିଜେଡି ପକ୍ଷରୁ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି

## ଓଡ଼ିଆ ଜାତୀୟତାକୁ ଦେଶ ମାନଚିତ୍ରରେ ପ୍ରତିଷ୍ଠିତ କରିବାରେ ମଧୁବାବୁଙ୍କ ଭୂମିକା ଅନନ୍ୟ




ଭୁବନେଶ୍ୱର, ୨୮।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଭୁବନେଶ୍ୱର ଲୋକଭବନ ଛକରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ଯୋଗଦେଇ ଏହି ମହାନ ବରପୁତ୍ର ଓ ଆଧୁନିକ ଓଡ଼ିଶାର ସ୍ଥପତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଶଙ୍ଖ ଭବନରେ ଆଧୁନିକ ଓଡ଼ିଶା ନିର୍ମାଣ ଗଠନରେ ମଧୁବାବୁଙ୍କ ଅବଦାନ ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର କହିଥିଲେ ଯେ ମଧୁବାବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ର କରିବା ଆନ୍ଦୋଳନର ପ୍ରମୁଖ ନେତା ଥିଲେ। ଓଡ଼ିଆ ଜାତୀୟତାକୁ ଦେଶ ମାନଚିତ୍ରରେ ପ୍ରତିଷ୍ଠିତ କରିବାରେ ତାଙ୍କର ଭୂମିକା ଅନନ୍ୟ ଥିଲା। ବରିଷ୍ଠ ନେତା ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ ଯେ ଯେତେବେଳେ ଓଡ଼ିଆ ଭାଷା ଅବହେଳିତ ହେବାର ସମ୍ଭାବନାରେ ଥିଲା, ସେତେବେଳେ ମଧୁବାବୁ ଏହାକୁ ସୁରକ୍ଷିତ ଓ ପ୍ରଚାର କରିବା ପାଇଁ ଅନବରତ ପ୍ରୟାସ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବାଚସ୍ପତି ପ୍ରଦୀପ ଅମାତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶେଷରେ ପ୍ରବକ୍ତା ମିହିର ରାୟ ଧନ୍ୟବାଦ ଜ୍ଞାପନ କରିଥିଲେ।

କାର୍ଯ୍ୟକ୍ରମରେ ସୁଶାନ୍ତ ରାଉତ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଜୟ ନାୟକ, ଡ. ପ୍ରିୟବ୍ରତ ମାଝୀ, ସଞ୍ଜିତ ମହାନ୍ତି, ରଘୁନାଥ ସାହୁ, ଦୁର୍ଗା ସାମନ୍ତରାୟ, ରଞ୍ଜୁଲତା ରାୟ, ମହାମାୟା ସ୍ୱାଇଁ, ଅଲ୍ଲିଅଲି ମଲ୍ଲିକ, ପୁଷ୍ପା ସେଠୀ, ପୁଷ୍ପା ରାଉତ, ମାନସୀ ସୁନ୍ଦରରାୟ, ଆସିଆ ବେଗମ, ରିଜ୍ୱାନା ବେଗମ, ଅମରଜିତ ସେନାପତି, ସୋଫିଆ ଆଲମ, କବିତା ସ୍ୱାଇଁ, ମନୋଜ ସେନାପତି, ଅରୂପ ଶ୍ରୀଚନ୍ଦନ, ମନୋରଞ୍ଜନ ସ୍ୱାଇଁ, ମନୋଜ ମହାନ୍ତି, ସୋନାଲି ପ୍ରିୟଦର୍ଶିନୀ, ଲଗ୍ନାଦୀପା ମିଶ୍ର, ତରବେଜ୍ ଆଲମ, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଭରତ ଲେଙ୍କା, ଆଶିଷ ପଟ୍ଟନାୟକ, ସସ୍ମିତା ନନ୍ଦ, ବାସନ୍ତୀ ସିଂ, ଇଲା ସ୍ୱାଇଁ, ପରୱାନ ପରଭିନ, ପ୍ରୀତିନନ୍ଦା ରାଉତରାୟ, ବନଜା ମହାନ୍ତି, ଜ୍ୟୋସ୍ନାମୟୀ ପରିଡ଼ା, ସଂଯୁକ୍ତା ମହାନ୍ତି, ଅମରଜିତ ଗଜେନ୍ଦ୍ର, ଭାଗୀରଥି ମଲ୍ଲିକ, ସ୍ନେହାଶିଷ ଜେନା, ଶୁଭମ ଶୁଭଦର୍ଶୀ ଖଟୁଆ, ଦିବ୍ୟସିଂହ ସେଠୀ, ସଚ୍ଚିକାନ୍ତ ସାହୁ, ରବୀନ୍ଦ୍ର ମହାରଣା, ସଞ୍ଜୟ ସେଠୀ, ବିକ୍ରମ ରଞ୍ଜିତ ପଟ୍ଟନାୟକ, ସଞ୍ଜିତ ମହାନ୍ତି, ଶୁଭ୍ରାଂଶୁ ପାଢ଼ୀ, ଶେଖ୍ ନୱାଜ, ଆପ୍ତାବ ଆଲମ ଖାନ, ସୁଦୀପ୍ତ କେଶରୀ ସାମଲ, ଦୀପକ ବେହେରା, ରାଜେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କଳାଦର୍ପଣର ତୃତୀୟ ବାର୍ଷିକ ଉତ୍ସବ 'ପ୍ରତିବିମ୍ବ'

ଭୁବନେଶ୍ୱର,୨୮।୪(ସମିସ): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଆ ଭର୍ଚୁଆଲ ଏକାଡେମୀ ସହଯୋଗରେ ଅନନ୍ୟ କଳା ଦର୍ପଣ ତୃତୀୟ ବାର୍ଷିକ ଉତ୍ସବ 'ପ୍ରତିବିମ୍ବ' ଭଞ୍ଜକଳା ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା, ବିଶିଷ୍ଟ ନୃତ୍ୟ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, କଳା ଦର୍ପଣ ଅନୁଷ୍ଠାନର ଅଧ୍ୟକ୍ଷ ଅମୀୟ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ଗୁରୁ ମାମା ସ୍ୱାଇଁ ଓଡିଶୀ ସଂଗୀତ ଗାନ କରିଥିଲେ। କବି ବନବାଳି ରଚନାରେ ସେ ଶ୍ୟାମ ନଗର ବର ରାଗ ମିଶ୍ର ଖମାଜ ତାଳ ଖେମଟା ପରିବେଷଣ କରିଥିଲେ। ପରେପରେ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ କଳା ଦର୍ପଣ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦଳଗତ ବିହୁ ନୃତ୍ୟ, ବ୍ରହ୍ମପୁର ଗଞ୍ଜାମ ଲଳିତ କଳଚରାଲ ଏକାଡେମୀ ଛାତ୍ରଛତ୍ରୀ ମାନଙ୍କ ଦ୍ୱାରା କୁଚୁପୁଡ଼ି ବାରାହୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଶ୍ରୀ ନିବାସ ଘଟୁଆରୀ।



## ଲାୟନ୍ସ କ୍ଲବ ନୂଆପଲ୍ଲୀ ତରଫରୁ ଚାର୍ଟର ନାଇଟ




ଭୁବନେଶ୍ୱର,୨୮।୪(ସମିସ): ଲାୟନ୍ସ କ୍ଲବ ନୂଆପଲ୍ଲୀ ତରଫରୁ ସାଧାରଣ ସଭା ସହ ଚାର୍ଟର ନାଇଟ ଓ ଇଣ୍ଡକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୧୨୦ରୁ ଅଧିକ ସଦସ୍ୟ ଓ ଅତିଥିମାନେ ଯୋଗ ଦେଇଥିଲେ। ୧୫ଜଣ ନୂତନ ସଦସ୍ୟଙ୍କ ଇଣ୍ଡକ୍ସନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ୩୨୨ସି୪ର ବିଭିନ୍ନ କ୍ଲବର ପୂର୍ବଜିଲ୍ଲା ଗଭର୍ଣ୍ଣରମାନେ, ବରିଷ୍ଠ ସଦସ୍ୟ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସେବା କାର୍ଯ୍ୟମାନଙ୍କୁ ମଧ୍ୟ ସାମିଲ୍ କରାଯାଇଥିଲା। ଯେଉଁଥିରେ ଧୂଳିଘରା ସେବା ଫାଉଣ୍ଡେସନ ସହ ଯୁକ୍ତ ହୋଇ ବସ୍ତ୍ର ଓ ଆବଶ୍ୟକ ସାମଗ୍ରୀ ବିତରଣ ଏବଂ 'ଏକ ସଦସ୍ୟ ଏକ ଗଛ' ପରିକଳ୍ପନାର କାର୍ଯ୍ୟକ୍ରମ ସମ୍ମିଳିତ ଥିଲା। ଏହି ପରିକଳ୍ପନା ପାଇଁ ଲାୟନ୍ସ କ୍ଲବ ପୁରୀର ଲାୟନ ରୁଦ୍ର ନାରାୟଣ ରଥଙ୍କ ଦ୍ୱାରା ଯୋଗାଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଲାୟନ ଏ. କେ ଶରଦା, ସଭାପତି ଲାୟନ ସୁବ୍ରତ ଶତପଥୀ, ସମ୍ପାଦକ ଲାୟନ ପ୍ରତୀକ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା। ୧୪୩ ଜଣ ସଦସ୍ୟଙ୍କ ଶକ୍ତି ସହିତ ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀ ଜିଲ୍ଲା ୩୨୨ସି୪ର ଏକ ସକ୍ରିୟ ସେବାମୂଳକ କ୍ଲବ ଭାବେ ପରିଗଣିତ ହୋଇଛି।

**ରକ୍ଷଣାବେକ୍ଷଣ ଅଭାବ**

## ସୌନ୍ଦର୍ଯ୍ୟ ହରାଉଛି ଗୋସାଗରେଶ୍ୱର ପୁଷ୍କରିଣୀ

ଭୁବନେଶ୍ୱର,୨୮।୪(ସମିସ): ରାଜଧାନୀରେ ଗଚ୍ଛିତ ହୋଇ ରହିଛି ଓଡିଶାର ପ୍ରମୁଖ ଐତିହ୍ୟସ୍ଥଳୀ। ଏହାକୁ ମନ୍ଦିରମାଳିନୀ ସହର କୁହାଯାଏ ବୋଲି ମଧ୍ୟ ସମସ୍ତଙ୍କୁ ଜଣା। ସେହି ପୁରାତନ ମନ୍ଦିରର ପରିସରରେ ରହିଛି ବିଭିନ୍ନ ଐତିହ୍ୟ ପୁଷ୍କରିଣୀ। କିନ୍ତୁ ଅଧିକାଂଶ ପୁଷ୍କରିଣୀଗୁଡ଼ିକ ନିକଟସ୍ଥ ମନ୍ଦିରର ପୂଜାର୍ଚ୍ଚନା ଓ ବିଧିବିଧାନ ସମ୍ପୃକ୍ତ କିନ୍ତୁ ନିୟମିତ ରକ୍ଷଣାବେକ୍ଷଣର ଅଭାବରୁ ସେସବୁର ଜଳ ଏତେ ଅପରିଷ୍କାର ହୋଇ ଯାଇଛି ଯେ ଜଳ ମନ୍ଦିରରେ ବ୍ୟବହାର ହୋଇପାରୁନାହିଁ।

ସହରରେ ବିଭିନ୍ନ ଐତିହ୍ୟ ମନ୍ଦିର ପରିସର ମଧ୍ୟରେ ଥିବା ପୁଷ୍କରିଣୀ ବା କୁଣ୍ଡ ଏବେ ରକ୍ଷଣାବେକ୍ଷଣ ଅଭାବରୁ ତାର ଐତିହାସିକ ମାନ୍ୟତା ହରେଇବାକୁ ବସିଲାଣି। ଯାହାର ଉଦାହରଣ ଗୋସାଗରେଶ୍ୱର ପୁଷ୍କରିଣୀରେ ଦେଖିବାକୁ ମିଳୁଛି। ଏହି ପୁଷ୍କରିଣୀ ଏବେ ଅବହେଳିତ ଅବସ୍ଥାରେ ପଡିଛି। ଫଳରେ ଜଳସ୍ତର କମିବା ସହ ଏହା ପରିତ୍ୟକ୍ତ ଅବସ୍ଥାରେ ପହଞ୍ଚିଲାଣି। ବହୁ ପ୍ରସିଦ୍ଧ ଓ ପ୍ରାଚୀନ ଶୈବ ପୀଠ ହେଉଛି ଗୋସାଗରେଶ୍ୱର ମହାଦେବଙ୍କ ମନ୍ଦିର। ଏହାକୁ ଲାଗି ରହିଛି ଗୋସାଗରେଶ୍ୱର ତୀର୍ଥ ପୁଷ୍କରିଣୀ। ସେହି ପୁଷ୍କରିଣୀରେ ଶିଉଳି ଓ ଦଳ ଭାସୁଥିବା ବେଳେ ଏଠାରେ ବର୍ଷା ଦିନରେ ସମସ୍ୟା ଆହୁରି ଜଟିଳ ହୋଇଥାଏ। କେବଳ ସେତିକି ନୁହଁ ବରଂ ଗଛର ପତ୍ର, ପ୍ଲାଷ୍ଟିକ ଏବଂ ମନ୍ଦିରର ଅନ୍ୟ ଆବର୍ଜନା ମଧ୍ୟ ପୁଷ୍କରିଣୀରେ ଦୃଶ୍ୟମାନ ହୁଏ। ଫଳରେ ଧୀରେ ଧୀରେ ପାଣିର ରଙ୍ଗ ବଦଳିବା ସହ ଏହା ଆଉ୍‌ୱନ୍ଦିର କାର୍ଯ୍ୟରେ ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ଅନେକ ସମୟରେ ବର୍ଷା ପାଣି ଏହି ପୁଷ୍କରିଣୀ ପାଣିରେ ମିଶିବାରୁ ପାଣି ଅଧିକ ହୋଇ ପାଦୁକା ନଳା ମାଧ୍ୟମରେ ପାଣି ଓଲଟା ଗର୍ଭଗୃହରେ ପଶି ଜମିଯାଉଥିବା ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ମିଳିଛି। ଏହି ମନ୍ଦିର ପରିସରସ୍ଥିତ ପଦାରେଶ୍ୱର ମନ୍ଦିର ଓ ଐଶାନେଶ୍ୱର ମନ୍ଦିର ରହିଛି। ସ୍ଥାନୀୟ ଲୋକଙ୍କ କହିବା କଥା ମନ୍ଦିର ପାଣି ନିକଟସ୍ଥ ପୁଷ୍କରିଣୀକୁ ଯାଏ। ତେବେ ଡ୍ରେନ୍ ଓ ରାସ୍ତା ଦିନକୁ ଦିନ ଉଚ୍ଚା ହେବାରୁ ଏହି ସମସ୍ୟା ଦେଖା ଦେଉଥିବା କୁହାଯାଉଛି। ତେଣୁ ଏହାର ରକ୍ଷଣାବେକ୍ଷଣପ୍ରତି ଅଧିକ ଯତ୍ନଶୀଳ ହେବା ଆବଶ୍ୟକ ରହିଛି। ନଚେତ୍ ଏହି ଐତିହ୍ୟ ପୁଷ୍କରିଣୀ ତାର ସୌନ୍ଦର୍ଯ୍ୟ ହରେଇବା ସହ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବ।





# ଉତ୍କଳ ଗୌରବଙ୍କ ଜୟନ୍ତୀରେ ରାଜଧାନୀ 'ମଧୁମୟ'

## ବିଜେଡି ପକ୍ଷରୁ ମଧୁବାବୁଙ୍କୁ ମାଲ୍ୟାର୍ପଣ

ଭୁବନେଶ୍ୱର,୨୮।୪(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ କୁଳବୃଦ୍ଧ ମଧୁସୂଦନଙ୍କ ପବିତ୍ର ଜୟନ୍ତୀ ସମାରୋହ ରାଜଭବନ ସମ୍ମୁଖ ମଧୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି



ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପରେ ମଧୁସୂଦନଙ୍କ ଜୀବନୀ ଉପରେ ଆଧାରିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ବିଜୟ ପରିଡ଼ା, ସମାଜସେବୀ ମନୋରଞ୍ଜନ ମହାନ୍ତି, ନଗେନ ନାୟକ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଶିଳ୍ପୀ ସୁଦର୍ଶନ ସାହୁ, ଦେବଯାନୀ ଦାଶ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ବିଜୟ କୁମାର ସାହୁ, ଚୈତନ୍ୟ ତ୍ରିପାଠୀ, ଡ. ଶରତ କୁମାର ବେହେରା ପ୍ରମୁଖ ଯୋଗଦେଇ ମଧୁବାବୁଙ୍କୁ ଶ୍ରଦ୍ଧା ନିବେଦନ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅମିତ୍ ପାତାଳ ସିଂ।

## 'ଦ୍ୱିତୀୟ କୁଳଗୌରବ ସମ୍ମାନ' ସମାରୋହ



ଭୁବନେଶ୍ୱର, ୨୮।୪(ସମିସ): ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ଟେନିସ୍ ସେଣ୍ଟରଠାରେ ମଧୁ ବାବୁଙ୍କ ଜୟନ୍ତୀ ଅବସରରେ ମର୍ଯ୍ୟାଦାଜନକ 'ଦ୍ୱିତୀୟ କୁଳଗୌରବ ସମ୍ମାନ-୨୦୨୬' ପୁରସ୍କାର ସମାରୋହ ପାଳିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ପରିବାରର ସଭାପତି ସଜନ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ ବୈଜୟନ୍ତ ପଣ୍ଡା, ଶିଳ୍ପପତି ତଥା ଓଡ଼ିଶା ବିଜେପିର କୋଷାଧ୍ୟକ୍ଷ ଅଜୟ ଅଗ୍ରୱାଲ, ମୁଖ୍ୟବକ୍ତା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରି ମଧୁବାବୁଙ୍କ ଉପରେ ନିଜ ନିଜର ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ପରିବାରର ଉଦ୍ୟୋଗ ବିଭାଗ ପ୍ରମୁଖ ତପନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ମନୋରଂଜନ ଷଡ଼ଙ୍ଗୀ ମଧୁବାବୁଙ୍କ ଉପରେ ଏକ କବିତା ଗାନ କରିଥିଲେ। ସମାରୋହର ସମଗ୍ର ଓଡ଼ିଶାର ବିକାଶ ଦିଗରେ ଅବଦାନ ପାଇଁ ଉଦ୍ୟୋଗୀମାନଙ୍କୁ 'କୁଳଗୌରବ ସମ୍ମାନ-୨୦୨୬'ରେ ଭୂଷିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ପରିବାରର ସୁଜିତ କୁମାର ଦାଶ, ସାଧୁ ଚରଣ ବେହେରା, ସୁରେଶ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ବିଶ୍ୱ ଓଡ଼ିଆ ପରିବାର ଯେପରି ମଧୁବାବୁଙ୍କ ଜନ୍ମ ଦିବସରେ ଓଡ଼ିଶାର ବିକାଶ ଦିଗରେ ଯେଉଁ ଶିଳ୍ପଦ୍ୟୋଗୀମାନଙ୍କର କିଛି ନା କିଛି ଭୂମିକା ରହିଛି ସେମାନଙ୍କୁ ସମ୍ମାନିତ କରିବା ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ସମସ୍ତ ଅତିଥିଗଣ ଭାଷଣରେ ବର୍ଣ୍ଣନା କରିଥିଲେ। ସମାଜସେବୀ ଜଗନ୍ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପିସିସି ପକ୍ଷରୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୮।୪(ସମିସ): ମଙ୍ଗଳବାର ପିସିସି ପକ୍ଷରୁ କଂଗ୍ରେସ ଭବନରେ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଥିବା ବେଳେ ଏହି ଅବସରରେ ସକାଳେ ରାଜଭବନ ଛକ ସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ କଂଗ୍ରେସ ଭବନ ଠାରେ ଏକ ସ୍ମୃତିସଭା ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହି ସଭାକୁ ଅଧ୍ୟକ୍ଷତା କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ମଧୁବାବୁ ତ୍ୟାଗ ବଳିଦାନ ଓ ଅକଥନୀୟ ପରିଶ୍ରମ ମାଧ୍ୟମରେ ଓଡ଼ିଆଙ୍କୁ ସଂଗଠିତ କରି ନୂତନ ଓଡ଼ିଶା ପାଇଁ ବାଟ ଫିଟାଇଥିଲେ। ମୁଖ୍ୟବକ୍ତା ପ୍ରଫେସର ବିଜୟ କୁମାର ବହିଦାର ମଧୁବାବୁ ଓଡ଼ିଆ ମାନଙ୍କୁ ସ୍ୱାବଲମ୍ବି



କରିବାପାଇଁ ଓଡ଼ିଶାର ଦ୍ରବ୍ୟରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିବା ଲକ୍ଷ୍ୟରେ ଚେଷ୍ଟିତ ଥିଲେ ବୋଲି କହିବା ସହ ବିଭିନ୍ନ କ୍ଷେତ୍ରରେ ଅସଫଳ ହେଉଥିଲେ ମଧ୍ୟ କେବେ ପଛଘୁଞ୍ଚା ଦେଉନଥିଲେ ବୋଲି କହିଥିଲେ। ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ପଞ୍ଚାନନ କାନୁନଗୋ, ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ଶିବାନନ୍ଦ ରାୟ ପ୍ରମୁଖ ମଧୁବାବୁଙ୍କ ପ୍ରଭା ଓ ପ୍ରତିଭା ସମ୍ପର୍କରେ ଅବତାରଣା କରିଥିଲେ। ବିଶିଷ୍ଟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ନଳିନୀ ମହାନ୍ତି ମଧ୍ୟ ନିଜ ବକ୍ତବ୍ୟ ଉପସ୍ଥାପନ କରିବା ସହ ପିସିସି ଲିଗାଲ ବିଭାଗ ସଭାପତି ରତିକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାକୁ ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରିଥିଲେ।

## ବିଜେଡି ଆଇନଜୀବୀ ସାମ୍ମୁଖ୍ୟ

ଭୁବନେଶ୍ୱର,୨୮।୪(ସମିସ): ଭୁବନେଶ୍ୱର ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟର ଆଇନଜୀବୀମାନେ ମଧୁବାବୁଙ୍କ ୧୭୮ ତମ ଜନ୍ମ ତିଥିରେ ପୋଖରୀପୁଟସ୍ଥିତ ମଧୁସୁଦନ ପାର୍କରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ



ମଧୁବାବୁଙ୍କ ଆଦର୍ଶ ଓ ନୀତିକୁ ଗ୍ରହଣ କରିବାକୁ ଶପଥ ଗ୍ରହଣ କରିଥିଲେ। ମଧୁବାବୁଙ୍କ ଜନ୍ମତିଥିକୁ ଓକିଲ ଦିବସ ଭାବେ ପାଳନ କରାଯାଇଥିବାରୁ ମଧୁବାବୁ କିପରି ଗରିବ ଲୋକମାନଙ୍କ ପାଇଁ ଓକିଲାତି କରୁଥିଲେ, ଓଡ଼ିଆ ଜାତିକୁ ଭଲ ପାଇବା ସହିତ ସମୃଦ୍ଧ ଓଡିଶା ଗଠନରେ ତାଙ୍କର ଭୂମିକା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଜୁ ଜନତା ଦଳ ଆଇନଜୀବୀ ସାମୁଖ୍ୟର ପୂର୍ବତନ ସଭାପତି ଡ. ସୁରେଶ କୁମାର ବାରିକଙ୍କ ନେତୃତ୍ୱରେ ଶତାଧିକ ଆଇନଜୀବୀ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ପୂର୍ବତନ କର୍ପୋରେଟର ହୃଦୟ ବଲଭ ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ଭକ୍ତ ଚରଣ ଦାସ,ଅଜୟ ହରିଚନ୍ଦନ, ଶରତ ଚହଟରାୟଙ୍କ ସହିତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

## ଓଡ଼ିଶା ସୋସାଇଟି ଅଫ କାନାଡ଼ା

ଭୁବନେଶ୍ୱର,୨୮।୪(ସମିସ): ଟରୋଣ୍ଟୋରେ ଓଡିଶା ସୋସାଇଟି ଅଫ କାନାଡ଼ା ତରଫରୁ ଉତ୍କଳ ଦିବସ ପାଳିତ ହୋଇଛି। ଏହି ଅବସରରେ କାନାଡାର ଟରୋଣ୍ଟୋରେ ଅବସ୍ଥିତ ପ୍ରାୟ ୨୦୦ ଓଡ଼ିଆ ପରିବାର ଯୋଗ ଦେଇଥିଲେ। ଓଡ଼ିଆ ସଂସ୍କୃତିକୁ ଓଡିଶା ମାଟିରୁ ଅନତି ଦୂରରେ ଜୀବିତ ରଖିବାରେ ଓଡିଶା ସୋସାଇଟି ଅଫ କାନାଡ଼ାର ଏହି ପ୍ରୟାସ ପ୍ରଶଂସନୀୟ ଥିଲା। ସଭାପତି ବବିତା ମହାନ୍ତି, ଉପସଭାପତି ସୁରେଶ ସାହୁଙ୍କ ସମେତ ସଂସ୍ଥାର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା କୁଳଦୀପ ଦାଶ, ସୌମ୍ୟ ରଞ୍ଜନ ସ୍ୱାଇଁ, ସୁଧୀର ସୁରୁ, ରାଜେଶ କୁମାର ସନ୍ଦୂଲୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କାନାଡ଼ାରେ ଭାରତ ସରକାରଙ୍କ ତରଫରୁ ଅବସ୍ଥିତ ବାଣିଜ୍ୟ ଦୂତାବାସର ପ୍ରଧାନ



ଅଧିକାରୀ ମହାବୀର ସିଂଭି ଉପସ୍ଥିତ ରହି ପ୍ରାୟ ୫ଶହରୁ ଅଧିକ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରିବା ସହିତ ଓଡ଼ିଆ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଓଡିଶାର ପ୍ରସିଦ୍ଧ ବିଶେଷ ସୁସ୍ୱାଦୁ ବ୍ୟଞ୍ଜନ ଛେନା ପୋଡ଼, ଦହିବରା ଆଳୁଦମ, ରସଗୋଲା ଆଦି ପରିବେଷଣ କରାଯାଇଥିଲା।

## ଓଜେସି ରାଜ୍ୟ କାର୍ଯ୍ୟାଳୟରେ ମଧୁ ଜୟନ୍ତୀ

ଭୁବନେଶ୍ୱର,୨୮।୪(ସମିସ): ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ମଙ୍ଗଳବାର ସତ୍ୟନଗର ସ୍ଥିତ ପାର୍ଟିର ମୁଖ୍ୟ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଓଡ଼ିଶା ଜନତା କଂଗ୍ରେସ ସଭାପତି ମହମ୍ମଦ ମୋକିମ କହିଛନ୍ତି, ଓଡ଼ିଶା ମାଟିକୁ ସ୍ୱତନ୍ତ୍ର କରିବା ପାଇଁ ମଧୁବାବୁ



ଯେଉଁଭଳି ଲଢେଇ କରିଥିଲେ, ଓଡ଼ିଆମାନଙ୍କ ଅଧିକାର ପାଇଁ ଓଡ଼ିଶା ଜନତା କଂଗ୍ରେସ ସେହିଭଳି ଲଢେଇ କରିବ। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଜେସିର ବରିଷ୍ଠ ନେତା ବଦ୍ରିନାରାୟଣ ମହାନ୍ତି, କଳାହାଣ୍ଡିର ବରିଷ୍ଠ ସଂଗଠକ ତଥା ଓଜେସି ନେତା ମଧୁ ମହାନ୍ତି, ମନୋଜ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରତିଷ୍ଠାତା ସଦସ୍ୟ ଶୁଭେନ୍ଦୁ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଉଷା ପକ୍ଷରୁ ମଧୁ ଜୟନ୍ତୀ




ଯାଁଳା, ୨୮।୪(ସମିସ): ଉତ୍କଳ ସେବା ଅନୁଷ୍ଠାନରେ ଦାତାରାମ ଅଶୋକ କୁମାର ମଙ୍ଗରାଜଙ୍କ ସଭାପତିତ୍ୱରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କୃତି ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ, ଶିକ୍ଷାବିତ ମନୋରଞ୍ଜନ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ନିରଜ କୁମାର ମହାନ୍ତି, ସୁବାସ ଶ୍ରୀଚନ୍ଦନ, ନଳିନ ପଟ୍ଟନାୟକ, ସିମନ ନାୟକ, କବି ରମାକାନ୍ତ ଦାସ, ପ୍ରତିମା ପାଣିଗ୍ରାହୀ, ଝୁମୁରି ସାହୁ, ମୁରଲୀଧର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ କାମିନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଭବନ ଛକରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୮।୪(ସମିସ): ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ୍ ମିଶ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।



## ନୀଳଶୈଳ ପକ୍ଷରୁ ଉତ୍କଳ ଗୌରବଙ୍କ ଜୟନ୍ତୀ

ଭୁବନେଶ୍ୱର, ୨୮।୪(ସମିସ): ନୀଳଶୈଳ ଭୁବନେଶ୍ୱର ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ମଙ୍ଗଳବାର ରାଜଭବନ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଉତ୍କଳ ଗୌରବ କେବଳ ନୁହେଁ, ସେ ଭାରତ ଗୌରବର ଅଧିକାରୀ ମଧ୍ୟ। ତାଙ୍କୁ ସମ୍ମାନିତ କରି ଭାରତରତ୍ନରେ ଭୂଷିତ କରିବାକୁ ନୀଳଶୈଳ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି।




## ଶନିଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଯାଁଳା, ୨୮।୪(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ୍ ପଞ୍ଚୁପଲ୍ଲୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳ ଗ୍ରାମସ୍ଥ ଶନିଦେବଙ୍କ ପୀଠରେ ତିନିଦିନ ଧରି ଚାଲୁଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ ପ୍ରଭଞ୍ଜନ ମହାପାତ୍ର, ସତ୍ୟରଂଜନ ଦାଶ୍ ଓ ସାଥିଙ୍କ ଦ୍ୱାରା ଅଙ୍କୁରୋପଣ, ଜଳଯାତ୍ରା, ଅଗ୍ନି ସ୍ଥାପନ ସୂର୍ଯ୍ୟପୂଜା, ଗୋପୂଜା, ସର୍ବ ଦେବାଦେବୀଙ୍କ ପୂଜା, ରୁଦ୍ରାଭିଷେକ ଆଦି ସମସ୍ତ ନୀତିକାନ୍ତି ବୈଦିକ ରୀତିରେ ସୁଚାରୁ ରୂପେ ସମ୍ପନ୍ନ କରାଯାଇଛି। ଦେବେନ୍ଦ୍ର ସାମନ୍ତରାୟ ଓ ତାଙ୍କ ସହଧର୍ମିଣୀ କୁନି ସାମନ୍ତରାୟ କର୍ତ୍ତାକର୍ତ୍ତୀ ଦାୟିତ୍ୱ ତୁଲାଇଥିଲେ। ପୂର୍ଣ୍ଣାହୂତି ଦିବସରେ ଆଖପାଖ ଗ୍ରାମର ଅନେକ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇ ଶନିଦେବଙ୍କ ଆଶିଷ ଭିକ୍ଷା କରିଥିଲେ। ସୁକାନ୍ତ ମଙ୍ଗରାଜ, ଜଗନ୍ନାଥ ଜେନା, ବାଉରିବନ୍ଧୁ ରାଉତରାୟ, ବାପି ମଙ୍ଗରାଜ, ଅକ୍ଷୟ ପ୍ରଧାନ, ଜିତେନ୍ଦ୍ର ସାମନ୍ତରାୟ, ଲକ୍ଷ୍ମୀଧର ଧାଉଡ଼ିଆ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ବୁଧବାରଠାରୁ ସୋଆରେ ସାଇବର ସୁରକ୍ଷା ଜାତୀୟ ସମ୍ମିଳନୀ



ଭୁବନେଶ୍ୱର,୨୮।୪(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାରଠାରୁ 'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଂ ଟେକ୍ନୋଲଜିସ୍- ସିକ୍ୟୁରିଂ ଟୁମୋରୋସ ଇନ୍‌ଟେଲିଜେନ୍‌ଟ ସିଷ୍ଟମ୍‌ସ' ଶୀର୍ଷକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆୟୋଜିତ ହେବାକୁ ଥିବା ବେଳେ ପ୍ରଶାସନ, ଶିଳ୍ପ, ଶିକ୍ଷା ଏବଂ ପ୍ରତିରକ୍ଷା କ୍ଷେତ୍ରର ନେତୃବର୍ଗ ଏକତ୍ରିତ ହୋଇ ଏକ ସୁରକ୍ଷିତ ଓ ବୁଦ୍ଧିମତା ସମ୍ପନ୍ନ ଡିଜିଟାଲ୍ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବେ। ସୋଆ ଏବଂ ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟର - ସୋଆ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ସାଇବର ସିକ୍ୟୁରିଟି ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ଡ. ଏନ୍.କେ, ଗୋୟଲ ଓ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଡାଟା ସିକ୍ୟୁରିଟି କାଉନ୍‌ସିଲ ଅଫ୍ ଇଣ୍ଡିଆର (ଡିଏସ୍‌ସିଆଇ)ର ସିଇଓ ବିନାୟକ ଗଡଶେ, ପ୍ରାଇସ୍ ୱାଟରହାଉସ୍ କୁପର୍ସ (ପିଡବ୍ଲୁସି) ଇଣ୍ଡିଆର ନିର୍ଦ୍ଦେଶକ ଡ. ଦେବବ୍ରତ ନାୟକ, ଏଆଇସି-ସୋଆ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଓ ଆଇଟିଇଆରର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ରେଣୁ ଶର୍ମା ଉପସ୍ଥିତ ଥିଲେ।

## ସୋଆରେ ବିହନ ଦିବସ

ଭୁବନେଶ୍ୱର,୨୮।୪(ସମିସ)

ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ବୀଜ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଆନ୍ତର୍ଜାତିକ ବିହନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଡ.ଦେବରାଜ ଲେଙ୍କା,ପ୍ରଫେସର ସରୋଜ କୁମାର ମହାନ୍ତି, ପ୍ରଫେସର ରବି କୁମାର ପଟ୍ଟନାୟକ ପ୍ରମୁଖ କୃଷକମାନଙ୍କୁ ଉନ୍ନତ ବିହନର ଉପାଦେୟତା, ଗୁଣବତା ବୃଦ୍ଧି ପ୍ରକ୍ରିୟା ଓ ସଂରକ୍ଷଣ ବିଷୟରେ ବୁଝାଇଥିଲେ। ଶିକ୍ଷାନୁଷ୍ଠାନର କୃଷି ସମ୍ପ୍ରସାରଣ ବିଭାଗର ମୁଖ୍ୟ ପ୍ରଫେସର ବିବୁଧ ପରାଶର, କୀଟତତ୍ତ୍ୱ ବିଭାଗର ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ ଓ ସହକାରୀ ଅଧ୍ୟାପକ ଡ. ସାଇ ଟିମାରାଓ ଉପସ୍ଥିତ ରହି କୃଷକ ମାନଙ୍କର ଫସଲ ଉତ୍ପାଦନରେ ଥିବା ସମସ୍ୟା ଓ ତାର ନିରାକରଣ ଉପାୟ ବିଷୟରେ ବୁଝାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବୀଜ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର କାର୍ଯ୍ୟକାରୀ ବିଭାଗୀୟ ମୁଖ୍ୟ ଡ. ଏସ୍.ପି ମୋନାଲିସା, ସହକାରୀ ଅଧ୍ୟାପକ ଡ. ରାମକୃଷ୍ଣ ବସ୍ତିଆ, ଡ. ଚିରଞ୍ଜିବୀ କୁଲକର୍ଣ୍ଣୀ, କଣ୍ଟାବାଡ଼ ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ସସ୍ମିତା ବେହେରା ଉପସ୍ଥିତ ରହି କୃଷକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଗ୍ରାମର ଦୁଇଜଣ ସଫଳ ଚାଷୀ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉନ୍ନତ ବିହନର ଆବଶ୍ୟକତା ଉପରେ ଏକ ସଚେତନତା ମୂଳକ ନାଟକ ପରିବେଷଣ କରାଯାଇଥିଲା।

## ଆଇଆଇଏମ୍‌ଟି ପକ୍ଷରୁ ଦୁଇଦିନିଆ ଯୋଗ ଶିବିର

ଭୁବନେଶ୍ୱର,୨୮।୪(ସମିସ): ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ପକ୍ଷରୁ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଦୁଇଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ଶ୍ରୀକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଏବଂ ନିର୍ଦ୍ଦେଶକ ଡ. ଜୟଦେବ କରଙ୍କ ନିର୍ଦ୍ଦେଶନାରେ ଆୟୋଜିତ 'ୟୁନିଭର୍ସାଲ ହ୍ୟୁମାନ୍ ଭ୍ୟାଲୁସ୍-୧' ବିଷୟକୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ୩ଦିନିଆ ଅଫ୍‌ଲାଇନ୍ ଫେସ୍ ଟୁ ଫେସ୍ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ୍ ଅନ୍ତର୍ଗତ ଅଟେ। ଏହି ଯୋଗ ଶିବିରକୁ ସେଞ୍ଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟର ଡ. ଜ୍ଞାନେନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିଲେ। ଏଥିରେ ଆଇଆଇଏମଟିର ଅଧ୍ୟାପିକା ଅଙ୍କିତା ମହାପାତ୍ର, ଅଧ୍ୟାପକ ଦିବ୍ୟଦର୍ଶନ ବେହେରା ଏବଂ ଦୀପକ ମିଶ୍ର ପ୍ରଶିକ୍ଷକ ଭାବେ ସହଯୋଗ କରିଥିଲେ।



## କିମ୍‌ସରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୮।୪(ସମିସ): ଗୋଡ଼ ସମସ୍ୟା ପାଇଁ ବିଛଣାରେ ପଡ଼ି ରହୁଥିଲେ ଯାଜପୁର ଜିଲ୍ଲାର ୬୨ ବର୍ଷୀୟ ପ୍ରଶାନ୍ତ କୁମାର ମହାନ୍ତି। କିମ୍‌ସରେ ପ୍ଲାଷ୍ଟିକ୍ ସର୍ଜନ ଡ. ସୁନୀଲ ରାଉତଙ୍କ ସହ କିମ୍‌ସ ଶଲ୍ୟଚିକିତ୍ସା ଦଳ ତିନୋଟି ଜଟିଳ ଅସ୍ତ୍ରୋପଚାର କରିଥିଲେ। ଦୀର୍ଘ ଚାରିମାସର ଚିକିତ୍ସା ପରେ ଏବେ ପ୍ରଶାନ୍ତ ସୁସ୍ଥ ଅନୁଭବ କରୁଛନ୍ତି। ପ୍ରଥମେ ପ୍ରଶାନ୍ତଙ୍କ ଶରୀରରୁ ୪୦ କିଲୋଗ୍ରାମରୁ ଅଧିକ ଅତିରିକ୍ତ ଟିସ୍ୟୁ ବାହାର କରିଥିଲେ। ଯାହାକି ଡାକ୍ତରୀ ଟିମ୍ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। କାରଣ ଅସ୍ତ୍ରୋପଚାର ସମୟରେ ଓ ପରେ ରୋଗୀଙ୍କ ରକ୍ତ ସଂଚାଳନ ଏବଂ ହେମୋଡାଇନାମିକ୍ ସ୍ଥିରତା ବଜାୟ ରଖିବା ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଥିଲା। କିମ୍‌ସ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ସହକାରୀ ପ୍ରଫେସର ଡ. ଜୟନ୍ତ ଲେଙ୍କା ସମଗ୍ର ଶଲ୍ୟଚିକିତ୍ସା ପ୍ରକ୍ରିୟାରେ ଡ. ରାଉତଙ୍କୁ ସହାୟତା କରିଥିବା ବେଳେ ଡ. ଲିଙ୍ଗରାଜ ସାହୁ ଆନାସ୍ଥସିଆ ଦଳର ନେତୃତ୍ୱ ନେଇଥିଲେ। ଏହି ଅସ୍ତ୍ରୋପଚାର ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଥିଲେ ମଧ୍ୟ କିମ୍‌ସରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ପାଇଁ ଏହି ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ଏଥିପାଇଁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ପ୍ରଶାନ୍ତଙ୍କ ଆରୋଗ୍ୟ କାମନା କରିଛନ୍ତି।

## ଓଡ଼ିଶା ସିନେକ୍ରିଟିକ୍ସ ଆସୋସିଏସନ୍ ପକ୍ଷରୁ 'ସୀତା ବିବାହ'




ଭୁବନେଶ୍ୱର,୨୮।୪(ସମିସ): ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ମୁକ୍ତିଲାଭ କରିବାର ୯୦ ବର୍ଷ ଅତିକ୍ରମ କରିସାରିଛି। ଓଡ଼ିଆ ଚଳଚ୍ଚିତ୍ର ପାଇଁ ସମର୍ପିତ ଅନୁଷ୍ଠାନ ଓଡ଼ିଶା ସିନେକ୍ରିଟିକ୍ସ ଆସୋସିଏସନ ପକ୍ଷର ବୁଦ୍ଧମନ୍ଦିରରେ 'ସୀତା ବିବାହ' ପାଳିତ ହୋଇଯାଇଛି। ଏହି ଅବସରରେ 'ଓଡ଼ିଆ ଚଳଚ୍ଚିତ୍ରର ଗତି, ପ୍ରଗତି ଓ ଅଧୋଗତି' ଶୀର୍ଷକ ଏକ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ର ଉପରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ଚଳଚ୍ଚିତ୍ରର ଜନକ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ଓଡ଼ିଆ ଚଳଚ୍ଚିତ୍ରର ସ୍ଥିତି ଓ ପ୍ରଗତିକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଓଡ଼ିଶା ସିନେକ୍ରିଟିକ୍ସ ଆସୋସିଏସନର ସଭାପତି ପ୍ରେମାଞ୍ଜନ ପରିଡ଼ା, ହାଡ୍ରୁ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପ୍ରଯୋଜକ ଲିଟୁ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆସୋସିଏସନର ସମ୍ପାଦକ ଦିଲ୍ଲୀପ ହାଲି ଅତିଥି ପରିଚୟ ପ୍ରଦାନ କରିବା ସହ ସୀତା ବିବାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ. ସୌରେନ୍ ମହାପାତ୍ର, ଫଟୋଗ୍ରାଫର ଓ ନିର୍ଦ୍ଦେଶକ ରାଜଗୋପାଳ ସିଂ, ସାମ୍ବାଦିକ ମାଧବ ବେହୁରା, ରବୀନ୍ଦ୍ର ବିଶ୍ୱାଳ, ତନ୍ମୟ ସ୍ୱାଇଁ, ପ୍ରଯୋଜକ ଅତିଶ ରାଉତ, ନିମାଇଁ ଚରଣ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ର ପ୍ରଗତି ଉପରେ ମତବ୍ୟକ୍ତ କରିଥିଲେ। ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜାତୀୟସ୍ତରରେ ପୁରସ୍କୃତ ନିର୍ଦ୍ଦେଶକ ପ୍ରଣବ ଦାସ, ଅଭିନେତା

### ଚଳଚ୍ଚିତ୍ର ଦିବସ ଭାବେ ପାଳନ କରିବାକୁ ଦାବି

ଓଡ଼ିଆ ଚଳଚ୍ଚିତ୍ରକୁ ୯୦ ବର୍ଷ ପୂରଣ ହେବା ଅବସରରେ ଆଜିର ଦିନକୁ ଚଳଚ୍ଚିତ୍ର ଦିବସ ଭାବେ ପାଳନ କରିବାକୁ ସିନେ କଳାକାର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବହୁ ବରିଷ୍ଠ ନିର୍ଦ୍ଦେଶକ, ପ୍ରଯୋଜକ, ସିନେ କଳାକାର, ଟେକ୍ନିସିଆନ୍ସ ତଥା ସିନେପ୍ରେମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସୂର୍ଯ୍ୟ ଦେଓଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।



